## ରାଜପଥରେ ଜଳିଗଲା ଟ୍ରକ୍

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ୪୯ ନମ୍ବର ଜାତୀୟ ରାଜପଥ ଖୁରେଇ ଟାଙ୍ଗିରି ପେଟ୍ରୋଲ ପମ୍ପ ନିକଟରେ ରବିବାର ଏକ ୧୪ ଚକିଆ ଟ୍ରକ୍ ଜଳିଯାଇଛି। ଏଥିରେ ଟ୍ରକ୍ କେବିନ୍ ସମ୍ପୂର୍ଣ୍ଣ ଜଳିଯାଇଥିବା ଜଣାପଡ଼ିଛି। ଆଇରନ ବୋଝେଇ ଟ୍ରକ୍‌ଟି ସୁଆକାଠିରୁ କୋଲକାତା ଯାଉଥିଲା। ଡ୍ରାଇଭର, ହେଲପର ଖୁରେଇ ଟାଙ୍ଗିରି ନିକଟରେ ଟ୍ରକ୍ ରଖି ଭିତରେ ରୋଷେଇ କରୁଥିଲେ। ଅସାବଧାନତା ବସତଃ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ କେନ୍ଦୁଝର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟ୍ରକ୍‌ର କ୍ୟାବିନ୍‌ଟି ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଥିଲା।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଯୁବକ ମୃତ

ରୂପସା, ୨୩।୧୦(ଡି.ଏନ.ଏ.)-ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅଧୀନ ବାଲେଶ୍ୱର ଜିଲା ରୂପସା ରେଳଷ୍ଟେଶନ ନିକଟରୁ ରବିବାର ଜିଆରପି ଥାନା ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତ ଯୁବକ ହେଲେ ବସ୍ତା ଥାନା ରସଲପୁର ଗ୍ରାମର ଜଗନ୍ନାଥ ବେହେରା (୨୪)। ସେ ଉତ୍ତରକେବିନ ନିକଟରେ ଶନିବାର ରାତିରେ କୌଣସି ଟ୍ରେନରେ କଟି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଅପଲାଇନ ରେଳଧରଣାରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଆରପିଏଫ୍ ଥାନା ପୋଲିସକୁ ଖବର ଦେଇଥିଲେ। ଏହା ଆତ୍ମହତ୍ୟା କି ରେଳଧାରଣା ପାରି ହେବା ବେଳେ ଟ୍ରେନରେ କଟି ମୃତ୍ୟୁ ଘଟିଛି, ସେନେଇ ଜିଆରପି ଥାନା ପକ୍ଷରୁ ତଦନ୍ତ ଜାରି ରହିଛି। ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୯୪/୨୨) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ଦେଶୀମଦ ସହ ବୋଲେରୋ ଜବତ, ଜଣେ ଗିରଫ

ଭଣ୍ଡାରିପୋଖରୀ,୨୩।୧୦(ସ୍ୱ.ପ୍ର.)-ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ବାରିକପୁର ବଜାର ଅଞ୍ଚଳରେ ଅବକାରୀ ବିଭାଗ ଚଢ଼ାଉ କରିଛି। ଅବକାରୀ ଅଧୀକ୍ଷକ ପ୍ରଦୀପ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲା ଭ୍ରାମ୍ୟମାଣ ସ୍କ୍ୱାଡ୍ ନିରୀକ୍ଷକ ସୁଶ୍ରୀ ସଙ୍ଗୀତା ମହାନ୍ତିଙ୍କ ନେତୃତ୍ୱରେ ଏସ୍‌ଆଇ ବ୍ରଜମୋହନ ମଲ୍ଲିକ ଓ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ବାରିକପୁର ବଜାର ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ବାଲେଶ୍ୱର ଆସୁଥିବା ଏକ ମହିନ୍ଦ୍ରା ବୋଲେରୋରୁ ୧୨୦୦ ଲିଟର ଦେଶୀମଦ ଟିମ୍ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଗିରଫ ହେଲେ ସିମୁଳିଆ ଥାନା ଅଧୀନ ବାଲିଖଣ୍ଡ ଗ୍ରାମର ଅମରେନ୍ଦ୍ର ଖୁଲାର। ଧାମନଗର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ, ଏଏସ୍‌ଆଇ ଦୀପକ ରାଉତ, ନନ୍ଦୁ ନାୟକ, କନଷ୍ଟେବଲ ସୁବାଶିଷ ରାଉତ, ପରେଶ ଗୁଡ୍ଡୁ, ମିଥୁନ ଜେନା, ଶିବପ୍ରସାଦ ସାହୁ, ସନ୍ଧ୍ୟାରାଣୀ ସେନାପତି, ରଶ୍ମିରେଖା ଜେନା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ଷ୍ଟେଶନରୁ ମୋବାଇଲ ଚୋରି: ଯୁବକ ଗିରଫ

ରୂପସା, ୨୩।୧୦(ଡି.ଏନ.ଏ.)-ଖଡ଼ଗପୁର ରେଳଡିଭିଜନର ବାଲେଶ୍ୱର ଜିଲା ଅଧୀନ ରୂପସା ରେଳ ଷ୍ଟେଶନରେ ଆରପିଏଫ ଥାନା ପୋଲିସ ଶନିବାର ଚଢ଼ାଉ କରି ଜଣେ ମୋବାଇଲ ଚୋରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଳେଶ୍ୱର ଥାନା ବଜାରଶୋଳ ଅଞ୍ଚଳର ରାଜେଶ କୁମାର ବିଶ୍ୱାଳ। ତାଙ୍କ ନିକଟରୁ ଏକ ଚୋରି ମୋବାଇଲ ଜବତ ହୋଇଛି। ସେ ଟ୍ରେନରେ ଜଣେ ଯାତ୍ରୀଙ୍କଠାରୁ ଏହି ମୋବାଇଲ ଲୁଟ୍ କରିଥିବା ସ୍ୱୀକାର କରିଛି। ଉକ୍ତ ମୋବାଇଲ ଚୋରକୁ ବାଲେଶ୍ୱର ଜିଆରପି ଥାନାକୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ଜିଆରପି ପୋଲିସ ଏକ ମାମଲା (ନଂ. ୧୧୦/୨୨) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଲକ୍ଷ୍ମୀ ନାରାୟଣ ମନ୍ଦିରରୁ ଚୋରି

ବୈଶିଙ୍ଗା,୨୩।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବାମଡ଼ା ଗ୍ରାମରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିର ଓ ଏହାର ପରିସରରେ ଥିବା ଏକ କଲ୍ୟାଣ ମଣ୍ଡପର ଗ୍ରୀଲ ଭାଙ୍ଗି ଚୋରି ହୋଇଥିବା ନେଇ ବୈଶିଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଚୋରମାନେ ମନ୍ଦିର ନାଟମଣ୍ଡପର ତାଲା ଭାଙ୍ଗି ଭିତରକୁ ପଶିଥିଲେ। ପରେ ମୁଖ୍ୟ ମନ୍ଦିରର ଦୁଇଟି ତାଲା ଭାଙ୍ଗି ରୁପା ଛତା, ରୁପାର ମୁକୁଟ ଓ ଅଳଙ୍କାର ନେବା ସହିତ ଦାନବାକ୍ସ ଭାଙ୍ଗି ସମସ୍ତ ଟଙ୍କା ନେଇ ଫେରାର ହୋଇ ଯାଇଥିଲେ। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏସ୍‌ଆଇ ଭାବଗ୍ରାହୀ ମହାନ୍ତ କହିଛନ୍ତି।

### ଖୁଣ୍ଟା ଡିଗ୍ରୀ କଲେଜର ସ୍ୱଚ୍ଛତା କାର୍ଯ୍ୟକ୍ରମ

କୁଆମରା,୨୩।୧୦(ଡି.ଏନ.ଏ.)- ଖୁଣ୍ଟା ଡିଗ୍ରୀ କଲେଜର ଜାତୀୟ ସେବା ଯୋଜନା ପକ୍ଷରୁ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧାପକ ଗୋପା ସିଂଙ୍କ ତତ୍ତ୍ୱାବଧାନରେ ଏନ୍‌ଏସ୍‌ଏସ୍‌ର ଛାତ୍ରୀଛାତ୍ରମାନେ ଯୋଗଦେଇ କଲେଜ ତଥା ମୁଖ୍ୟରାସ୍ତା ସଫେଇ କରିଥିଲେ। ପରେ କଲେଜ ପରିସରରୁ ଏକ ସଚେତନତା ରାଲି ସ୍ଥାନୀୟ ବଜାର ପରିକ୍ରମା କରିଥିଲା। ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ପୌରହିତ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧାପକ ଓ ଅଧାପିକାମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଦୀପାବଳିରେ ମନେପଡ଼େ ଓଗାଳପୁର

ଭଦ୍ରକ ଅଫିସ,୨୩।୧୦



ବିକ୍ରି ପାଇଁ ଦୋକାନରେ ରଖାଯାଇଥିବା ଦୀପ।

ଦୀପାବଳି ଆସିଲେ ମନେପଡ଼େ ଭଦ୍ରକ ଜିଲା ସଦର ବ୍ଲକର କୁମ୍ଭକାରଙ୍କ ଗାଁ ଓଗାଳପୁର। ଗାଁରେ ବସବାସ କରୁଥିବା ସମସ୍ତେ କୁମ୍ଭକାର ପରିବାର। ମାଟିରେ ହାଣ୍ଡି, କଳସୀ ଦୀପ ସମେତ ବିଭିନ୍ନ କୁମ୍ଭ ପାତ୍ର ତିଆରି କରିବାରେ ଲାଗି ପଡ଼ିଥାନ୍ତି ପିଲାଛୁଆଙ୍କ ସହିତ ମହିଳା ଓ ପୁରୁଷମାନେ। ଛୋଟ ପିଲାମାନେ ମାଟି ତିଆରି ଜିନିଷକୁ ଖରାରେ ଶୁଖାଇବା ସହ ମା' ବାପାଙ୍କୁ କାମରେ ସହଯୋଗ କରିଥାନ୍ତି। ପୁରୁଷମାନେ ଛୋଟ ବଡ଼ ଦୀପ କୁମ୍ଭାର ଚକିରେ ତିଆରି କରିଥାନ୍ତି। କେବଳ ବର୍ଷା ଋତୁକୁ ବାଦ୍ ଦେଇ ଅନ୍ୟ ସବୁ ସମୟରେ ଚକ ଘୂରୁଥାଏ। ଭଦ୍ରକ ସହରରେ ଦୀପାବଳି ଓ କାଳୀପୂଜା ଖୁବ୍ ଧୁମ୍‌ଧାମ୍‌ରେ ପାଳିତ ହେଉଥିବାରୁ ମାଟି ଦୀପର ଚାହିଦା ମେଣ୍ଟାଇବା ପାଇଁ ଏହି ଗାଁର ୩୦ରୁ ଊର୍ଦ୍ଧ୍ୱ ପରିବାର ଦୀପ ତିଆରି କାମରେ ଲାଗିପଡ଼ିଥିଲେ। ଗତ ଦୁଇବର୍ଷ ଧରି କରୋନା କଟକଣା ପାଇଁ କୌଣସି ପୂଜା ପାର୍ବଣ ଧୁମ୍‌ଧାମ୍‌ରେ ପାଳନ ହୋଇପାରୁ ନ ଥିଲା। ଏବର୍ଷ କଟକଣା ହଟିବା ପରେ ଭଲ ବ୍ୟବସାୟ ନେଇ ସେମାନେ ଆଶା ବାନ୍ଧିଛନ୍ତି।

ଗାଁର ଭରତ ସାହୁ କହନ୍ତି, ଦିନତମାମ କାମ କଲେ ପ୍ରାୟ ୭୦୦ ଦୀପ ତିଆରି ହୋଇଥାଏ। ବଡ଼ ଦୀପଗୁଡ଼ିକୁ ଶହେକୁ ହଜାରେ ଟଙ୍କା ଓ ଛୋଟ ଦୀପ ୫ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୁଏ। ଏହି ବେଉସାରେ ଭଲ ରୋଜଗାର ହେଉ ନ ଥିଲେ ବି କାମ ନ ଥିବାରୁ କୌଳିକ ବୃତ୍ତିକୁ ଆପଣାଇବାକୁ ପଡୁଛି। ଦୀପାବଳିକୁ ଲକ୍ଷ୍ୟ କରି ଦୁଇମାସ ଆଗରୁ ଦୀପ ତିଆରି ଆରମ୍ଭ କରନ୍ତି। ଦୀପାବଳି ଆସିଲେ ସହରର ହୋଲ୍‌ସେଲରମାନେ ଏହି ଗାଁରୁ ଦୀପ କିଣିଥାନ୍ତି। ଏବେ ଛଣ ଓ କାଠ ଅଭାବରୁ ମାଟି ସାମଗ୍ରୀକୁ ପୋଡ଼ିବା ପାଇଁ ଜାଳେଣି ଅଭାବ ମୁଖ୍ୟ ସମସ୍ୟା ହେଉଛି।

ସେହିପରି ଶତ୍ରୁଘ୍ନ ସାହୁ କହନ୍ତି, ଗାଁ ସାରା କୁମ୍ଭକାର ହୋଇଥିଲେ ମଧ୍ୟ ସରକାରୀ ସ୍ତରରେ କୌଣସି ପ୍ରୋତ୍ସାହନ ମିଳିନାହିଁ। ଅତ୍ୟାଧୁନିକ ଜ୍ଞାନ କୌଶଳ ସମ୍ପର୍କିତ ତାଲିମ କିମ୍ବା ଛାଡ଼ ବ୍ୟବସ୍ଥା ଥିବା ଋଣ ଯୋଜନା ଆମେ ପାଇପାରୁ ନାହୁଁ। ବର୍ତ୍ତମାନ ଆଧୁନିକତାର ପ୍ରଭାବ ଥିଲେ ମଧ୍ୟ ମାଟି ଦୀପର ଚାହିଦା ସ୍ୱତନ୍ତ୍ର ରହିଛି। ଅନ୍ୟ ରାଜ୍ୟରେ ଚକଗୁଡ଼ିକ ମଟର ସାହାଯ୍ୟରେ ଚଲାଯାଉଥିବା ବେଳେ ଆମକୁ ହାତରେ ଘୂରାଇବାକୁ ପଡୁଛି। ସରକାରୀ ସ୍ତରରେ ଅତ୍ୟାଧୁନିକ ଜ୍ଞାନ କୌଶଳ ତାଲିମ ଦିଆଯାଇ ମଟର ଲଗା ଚକି ବ୍ୟବସ୍ଥା କରାଗଲେ ରୋଜଗାର ବଢ଼ିପାରନ୍ତା ବୋଲି ସେ କହିଛନ୍ତି।

# ଆଜି ଉଠିବ ମହାଦୀପ

## ୨୫ରେ ବନ୍ଦ ରହିବ ଆଖଣ୍ଡଳମଣି ମନ୍ଦିର



ଆରଡ଼ି, ୨୩।୧୦ (ଡି.ଏନ.ଏ.)

ଭଦ୍ରକ ଜିଲାର ଶୈବପୀଠ ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ଦୀପାବଳିରେ ମହାଦୀପ ଉଠିବା ପରମ୍ପରା ରହିଛି। ଚଳିତବର୍ଷ ସୋମବାର ମହାଦୀପ ମନ୍ଦିର ଚୂଡ଼ାକୁ ଉଠିବ। ଆସନ୍ତା ୨୫ ତାରିଖ ମଙ୍ଗଳବାର ସୂର୍ଯ୍ୟୋପରାଗ ଯୋଗୁ ମନ୍ଦିର ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ନୀତିକାନ୍ତି ଚୂଡ଼ାନ୍ତ ହୋଇଛି। ସୋମବାର ଭୋର ୪ଟା ୩୦ରେ ମନ୍ଦିର ପହଡ଼ ଖୋଲିବା ପରେ ମଙ୍ଗଳ ଆଳତି ଓ ସମସ୍ତ ବିଧି ମୁତାବକ ପୂଜାର୍ଚ୍ଚନା କରାଯିବ। ଅପରାହ୍ନ ୪ଟା ୩୦ରେ ବାବା ଆଖଣ୍ଡଳମଣିଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯିବ ଏବଂ ସନ୍ଧ୍ୟାରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଦୀପଦାନ ପରେ ମହାଦୀପ ଉଠିବା ପ୍ରକ୍ରିୟା ଆରମ୍ଭ ହେବ। ରାତି ୮ଟାରେ ମଣିବାବାଙ୍କ ଗୁପ୍ତ ଷୋଡ଼ଶ ଉପଚାର ପୂଜା ପରେ ମହାଦୀପରେ ଅଗ୍ନି ସଂଯୋଗ କରାଯିବ। ରାତି ୯ଟା ପୂର୍ବରୁ ମନ୍ଦିରକୁ ମହାଦୀପ ଉଠାଯାଇ ଚୂଡ଼ାରେ ଅଧିଷ୍ଠାନ କରାଯିବ। ସୂର୍ଯ୍ୟୋପରାଗ ଯୋଗୁ ମନ୍ଦିର ବନ୍ଦ ରହିବ। ଏଥିନିମନ୍ତେ ଚୂଡ଼ାନ୍ତ ନୀତିକାନ୍ତି ପ୍ରସ୍ତୁତ ହୋଇଛି। ସୋମବାର ରାତି ୩ଟାରୁ ମନ୍ଦିର ଖୋଲାଯିବା ପରେ ମଙ୍ଗଳ ଆଳତି, ମହାସ୍ନାନ ଓ ଜଳାଭିଷେକ ନୀତି ସମାପନ କରାଯିବ। ପରେ ବାବାଙ୍କୁ ପଞ୍ଚାନନ ବେଶରେ ସଜ୍ଜିତ କରାଯାଇ ପହିଲି ବାଲ୍ୟଭୋଗ ଓ ଖେଚୁଡ଼ି ଅନ୍ନ ନୀତି ସମାପିତ ହେବ। ଭୋର ୪ଟା ୩୦ ପୂର୍ବରୁ ପହଡ଼ ପଡ଼ିବ। ମଙ୍ଗଳବାର ଦିନତମାମ ମନ୍ଦିର ବନ୍ଦ ରହୁଥିବାରୁ ସାଧାରଣ ଦର୍ଶନ ବନ୍ଦ ରହିବ। ବୁଧବାର ସୂର୍ଯ୍ୟୋଦୟ ପରେ ମନ୍ଦିର ଖୋଲାଯାଇ ସମସ୍ତ ପୂଜାର୍ଚ୍ଚନା କରାଯିବାକୁ ନିଷ୍ପତ୍ତି ହୋଇଛି।

# ଶିଶୁଙ୍କ ପ୍ରତିଭାକୁ ପ୍ରକଟିତ କରେ 'ସୁରଭି'



ମଞ୍ଚରେ ଉପସ୍ଥିତ ଅତିଥିମାନେ।

ଯୋଡ଼ା,୨୩।୧୦(ଡିଏନଏ)

କେନ୍ଦୁଝର ଜିଲା ଯୋଡ଼ା ପୌରାଞ୍ଚଳ ଅନ୍ତର୍ଗତ ପଶ୍ଚିମ ଯୋଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ବନେଇକଳା ଉଚ୍ଚ ବିଦ୍ୟାଳୟଠାରେ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଯଯାତି କେଶରୀ ବେହେରା ଓ କ୍ଲଷ୍ଟର ରିସୋର୍ସ ସେଣ୍ଟର କୋଡିନେଟର(ସିଆରସିସି) ଧ୍ରୁବ ଚରଣ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିଶୁମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ସୁରଭି ମାଧ୍ୟମରେ ପ୍ରକଟିତ ହୁଏ। ସେମାନଙ୍କର ପ୍ରତିଭାକୁ ଆଗକୁ ନେବାର ଏହା ଏକ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ। କ୍ଲଷ୍ଟର ଅଧୀନସ୍ଥ ୧୪ ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୧୦ଟି ବିଭିନ୍ନ ପ୍ରତିଯୋଗିତା ଯଥା ନୃତ୍ୟ, ଗୀତ, ବକ୍ତୃତା, ସୃଜନଶୀଳ ଲିଖନ, ସାଧାରଣ ଜ୍ଞାନ, ମାଧାହ୍ନ ଭୋଜନ ଆଧାରିତ ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଜୁନିଅର ଓ ସିନିଅର ଗ୍ରୁପରେ ଭାଗ ନେଇଥିଲେ। କୃତି ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀ ଆସନ୍ତା ୨୯ରେ ବ୍ଲକସ୍ତରୀୟ ସୁରଭି ମହୋତ୍ସବରେ ଭାଗ ନେବେ ବୋଲି ସିଆରସିସି ଧ୍ରୁବ ଚରଣ ପାତ୍ର ନିଜର ବକ୍ତବ୍ୟରେ କହିଥିଲେ। ସେହିପରି ଜୁରୁଡ଼ି ସ୍ଥିତ ଶ୍ରୀ ଜଗନ୍ନାଥ ହାଇ ସ୍କୁଲରେ ଜଜାଙ୍ଗ କ୍ଲଷ୍ଟରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁରୁଡ଼ି ସମିତି ସଭ୍ୟ ଶୁଭକାନ୍ତି ସୋ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ରମାକାନ୍ତ ଓଝା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ ପଟ୍ଟନାୟକ, ସହକାରୀ ଶିକ୍ଷକ ଅର୍ଦ୍ଧାନସୁ ଶେଖର ପାଢ଼ୀ ସହଯୋଗ କରିଥିଲେ।

## ସିଟିଜି ଫାଉଣ୍ଡେଶନ ପକ୍ଷରୁ ଓଏଏସ୍‌ରେ କୃତିତ୍ୱଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୨୩।୧୦(ଡି.ଏନ୍.ଏ)

କେନ୍ଦୁଝର ନିଉ କଲୋନୀସ୍ଥିତ ସିଟିଜି ଫାଉଣ୍ଡେସନ ପକ୍ଷରୁ ସଦ୍ୟ ଓଏଏସ୍ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଦୁଇଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଫାଉଣ୍ଡେସନ ପକ୍ଷରୁ ପ୍ରତିଷ୍ଠିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ, ଡିଗ୍ରୀ କମର୍ସ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଭୂତତ୍ୱ ବିଜ୍ଞାନର ଅଧାପିକା ସୁଶୀନେହା ପଲେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଓଏଏସ୍ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ସତ୍ୟଜିତ୍ ପଟ୍ଟନାୟକ, ସୁଶ୍ରୀ ଅଭିସ୍ମିତା ତିୱାରୀଙ୍କୁ କଲେଜର ଚେୟାରମ୍ୟାନ୍ ରୋଟାରିୟାନ୍ ଡ଼ ରାଜେନ୍ଦ୍ର ପଲେଇ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ। କଲେଜର ପ୍ରିନ୍ସିପାଲ ମାନସ ରଞ୍ଜନ ମହାପାତ୍ର, ଭାଇସ ପ୍ରିନ୍ସିପାଲ କୃଷ୍ଣଚନ୍ଦ୍ର ମହାନ୍ତ ଯୋଗଦେଇ ଉଭୟ ଉନ୍ନତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବାଣିଜ୍ୟ ବିଭାଗର ଅଧାପିକା ସୁଶ୍ରୀ ନିକିତା ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜିଠୁ ମା' କାଳୀଙ୍କ ଆରାଧନା



ମା'ଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ।

ଢେଙ୍କିକୋଟ,୨୩।୧୦(ଡି.ଏନ.ଏ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ଆୟୋଜିତ ପୂଜାରେ ରବିବାର ମାଆଙ୍କ ମୃଣ୍ମୟୀ ମୂର୍ତ୍ତିରେ ଶିଳ୍ପୀ ଶେଷ ସ୍ପର୍ଶ ଦେଇଛନ୍ତି। ସୋମବାରଠାରୁ ମା'ଙ୍କ ଆରାଧାନ କରାଯିବ। ରାତିରେ ଘଟ କଳସ ଅଣାଯାଇ ଯଥାବିଧି ପୂଜାର୍ଚ୍ଚନା ଆରମ୍ଭ କରାଯିବ। ୧୫ ଖଣ୍ଡ ପଞ୍ଚାୟତ ମଧ୍ୟରେ ଏକ ମାତ୍ର ପୂଜା ମଣ୍ଡପ ମାଆ ଶ୍ୟାମାକାଳୀ ପୂଜା ମଣ୍ଡପରେ ଚଳିତ ବର୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ସୁଉଚ୍ଚ ରଙ୍ଗିନ ତୋରଣ, ଆଲୋକ ମାଳାରେ ବଜାର ପରିବେଶକୁ ରଙ୍ଗିନ କରି ଦେଇଛି। କମିଟିର ସଭାପତି ଜଗବନ୍ଧୁ ନାୟକ, ସମ୍ପାଦକ ବିଜୟ ମଣ୍ଡଳ, କୋଷାଧକ୍ଷ ସାର୍ଥକ ଗିରି ସମେତ ସକ୍ରିୟ ସଦସ୍ୟ ରଣଜିତ ମଣ୍ଡଳ, ଲିଗୁନ ମଣ୍ଡଳ, ଜିତୁ ସିଂହ, ପଦ୍ମନ ମଲ୍ଲିକ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ମା'ଙ୍କ ପୂଜାରେ ସହଯୋଗ କରୁଛନ୍ତି।

# 'ଭାଗବତ କହେ ମାନବ ଜନ୍ମର ଲକ୍ଷ୍ୟ, ଉଦ୍ଦେଶ୍ୟ'

ଖଇରା, ୨୩।୧୦(ଡି.ଏନ.ଏ.)



ସେମିନାରରେ ଉପସ୍ଥିତ ବକ୍ତାଗଣ।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ଇଂରାଜୀ ବିଭାଗ ଆନୁକୂଲ୍ୟରେ ଏକ ସେମିନାର ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଚନ୍ଦନା ଘଡେଇଙ୍କ ପୌରୋହିତ୍ୟରେ ଆୟୋଜିତ ସେମିନାରରେ ବିଭାଗୀୟ ଅଧ୍ୟାପିକା ତଥା ସହ ସଂଯୋଜିକା ମଧୁମିତା ପତ୍ରୀ ସେମିନାରର ଶୀର୍ଷକ ଭାଗବତ-ଅତୀତ ଓ ଭବିଷ୍ୟତ ଉପରେ ପ୍ରାରମ୍ଭିକ ତଥ୍ୟ ଉପସ୍ଥାପନ କରି ବେଦବ୍ୟାସଙ୍କ ରଚିତ ସଂସ୍କୃତ ଭାଗବତରୁ ଆରମ୍ଭ କରି ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଓଡ଼ିଆ ଭାଗବତ ଉପରେ ଆଲୋଚନା କରିଥିଲେ। ଭଦ୍ରକ ମହିଳା ମହାବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ଡ. ସଙ୍ଗୀତା ଦାସ, ଦର୍ଶନ ବିଭାଗ ମୁଖ୍ୟ ଗଗନ ବିହାରୀ ରାଉତ, ଉଦ୍ଭିଦ ବିଜ୍ଞାନ ଅଧାପକ ଯୁଧିଷ୍ଠିର କୁଅଁର, ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ଦାସଙ୍କ ଭାଗବତ ରଚନା ହେବା ପରେ ଘର ଘରେ ପାଠ କରାଯାଉଛି। ମାନବ ଧର୍ମ ଓ ଜୀବନର ପ୍ରତ୍ୟେକ କର୍ମରେ ଏହାର ଗୁରୁତ୍ୱ ପାଇଁ ଏହା ଆଜି ପରମଶାସ୍ତ୍ର ଭାବେ ପରିଗଣିତ ବୋଲି କହିଥିଲେ । କୁପାରୀ ମହାବିଦ୍ୟାଳୟ ମୁଖ୍ୟ ଦତ୍ତାତ୍ରେୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଟିପାତ୍ରକୁ କୁଟୀର ଶିଳ୍ପ ମାନ୍ୟତା ଦାବି

ବାରିପଦା ଅଫିସ,୨୩।୧୦

ମୟୂରଭଞ୍ଜ ଜିଲା କୁମ୍ଭାର ଉନ୍ନୟନ ପରିଷଦ ପକ୍ଷରୁ ଦୀପାବଳି ଅବସରରେ ମାଟିପାତ୍ରକୁ କୁଟୀର ଶିଳ୍ପ ମାନ୍ୟତା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ଧାତୁ ନିର୍ମିତ ପାତ୍ରର ଚାହିଦା ବୃଦ୍ଧି ପାଇବାରୁ ମାଟି ପାତ୍ର ବିକ୍ରି ଠପ୍ ହୋଇଯାଇଛି। ଏଭଳି ପରିସ୍ଥିତିରେ କୁମ୍ଭାରମାନଙ୍କ ବେଉସା ବୁଡ଼ିବାକୁ ବସିଛି। ପରିବାର ଚଳାଇବା ନିମନ୍ତେ କୌଳିକ ବୃତ୍ତିରୁ ଦୂରେଇ ଯାଇ ସେମାନେ ଅନ୍ୟ କାମଧନ୍ଦା ଆପଣାଉଛନ୍ତି। ହାତ ତିଆରି ମାଟି ପାତ୍ର ଓ ଦୀପର ଚାହିଦା ନ ଥିବାରୁ କୁମ୍ଭାର ପରିବାର ଅବହେଳିତ ଓ ନିଷ୍ପେସିତ ଅବସ୍ଥାରେ ଦିନ କାଟୁଛନ୍ତି। ସରକାର ଏହି ଜାତି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିଭିନ୍ନ ଯୋଜନା ପ୍ରଣୟନ କରିବା ସହ ମାଟିପାତ୍ରକୁ କୁଟୀର ଶିଳ୍ପର ମାନ୍ୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। ପରିଷଦର ସଭାପତି ଭୀମ ଚରଣ ରାମ, ହୀରାଲାଲ ନାୟକ, ସଞ୍ଜୟ ରାମ, ଇନ୍ଦ୍ରଜିତ ବେହେରା, ବିଭୂତି ବେହେରା, ରାମ କୁମାର ବେହେରାଙ୍କ ସମେତ କର୍ମକର୍ତ୍ତାମାନେ ସାମିଲ ହୋଇ ସରକାରଙ୍କୁ ନିବେଦନ କରିଛନ୍ତି।



ମାଟି ପାତ୍ର ବିକ୍ରି କରୁଥିବା ଜଣେ ମହିଳାଙ୍କ ସହ କୁମ୍ଭାର ଉନ୍ନୟନ ପରିଷଦ କର୍ମକର୍ତ୍ତା।

# ପାଗରେ ଅବନତି, ଦୁଇ ରାଜ୍ୟରେ ସତର୍କତା

- ୨୭ ପର୍ଯ୍ୟନ୍ତ ସମୁଦ୍ର ମନା
- ଦୀଘାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍
- ଚିନ୍ତାରେ ଚାଷୀ

ଭୋଗରାଇ,୨୩।୧୦(ଡି.ଏନ.ଏ.)



ଭୋଗରାଇ ତାଳସାରୀ ଉପକୂଳରେ ଲାଗିଥିବା ଡଙ୍ଗା।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତ ହୋଇ ସାମୁଦ୍ରିକ ଝଡ଼ରେ ପରିଣତ ହେବା ପରେ ବାଂଲାଦେଶ କିମ୍ବା ପଶ୍ଚିମବଙ୍ଗ ସାଗରଦ୍ୱୀପ ମଧ୍ୟସ୍ଥଳରେ ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛନ୍ତି। ଏଥିପାଇଁ ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାର ସତର୍କତା ଜାରି କରିଛନ୍ତି। ସି-ତ୍ରଙ୍ଗ ନାମିତ ଏହି ବାତ୍ୟା ଓଡ଼ିଶା ଉପକୂଳ ଛୁଇଁବାର ସମ୍ଭାବନା ନ ଥିଲେ ମଧ୍ୟ ପଶ୍ଚିମବଙ୍ଗ ଉପକୂଳରେ ଘସି ହୋଇଯିବ ବୋଲି ସୂଚନା ମିଳିବା ପରେ ଓଡ଼ିଶା ସୀମାନ୍ତ ଦୁଇ ରାଜ୍ୟରେ କଡ଼ା ସତର୍କତା ଓ ସଚେତନତା କରାଯାଉଛି। ରବିବାର ପାଗରେ ଅବନତି ହୋଇ ବିକ୍ଷିପ୍ତ ବର୍ଷା ହୋଇଛି। ସାମୁଦ୍ରିକ ଝଡ଼ ସହିତ ଅମାବାସ୍ୟା ତିଥି ପଡୁଥିବାରୁ ସମୁଦ୍ର ଅତି ଭୟଙ୍କର ହେବ ବୋଲି କୁହାଯାଉଥିବା ବେଳେ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କୁ ସମୁଦ୍ରକୁ ନ ଯିବାକୁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। ବାଲେଶ୍ୱର ଉପକୂଳରେ ତୀକ୍ଷ୍ଣ ନଜର ରଖିବାକୁ ଜିଲା ଶାସକ ସମସ୍ତ ବ୍ଲକ ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ବ୍ଲକରେ ଭର୍ଚୁଆଲ ବୈଠକ କରାଯାଇଥିବା ସୂଚନା ମିଳିଛି।

ଅପରପକ୍ଷରେ ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଦୀଘା, ସୈକତ ସହର ସରକାର ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି। ସମ୍ଭାବ୍ୟ ବାତ୍ୟା ସହ ସମୁଦ୍ର ଉତ୍ତାଳ ହୋଇ କୂଳ ଲଂଘିବାର ଆଶଙ୍କା ଥିବାରୁ ତଳିଆ ଅଞ୍ଚଳର କୂଳବାସୀଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଦୀଘା, ଶଙ୍କରପୁର, ତାଜପୁର, ମନ୍ଦାରମଣୀ ପର୍ଯ୍ୟଟନସ୍ଥଳୀରେ ଏନ୍‌ଡିଆରଏଫ୍ ସହ ସିଭିଲ ଡିଫେନ୍ସ ସର୍ଭିସର କର୍ମଚାରୀମାନେ ପହଞ୍ଚି ସଚେତନତା କରୁଛନ୍ତି। ସାମୁଦ୍ରିକ ଝଡ଼କୁ ନେଇ ମତ୍ସ୍ୟଜୀବୀମାନେ ଟ୍ରଲର ଓ ଡଙ୍ଗା କୂଳରେ ଲଗାଇଛନ୍ତି। ଗଭୀର ସମୁଦ୍ରକୁ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀବୀମାନେ କୂଳକୁ ଫେରିଆସିଛନ୍ତି। ବାତ୍ୟା ପଶ୍ଚିମବଙ୍ଗ ଉପକୂଳ ଘସି ହୋଇଗଲେ ବାଲେଶ୍ୱର ଜିଲା ପ୍ରଭାବିତ ହେବାର ଆଶଙ୍କା ରହିଛି। ଝଡ଼ବର୍ଷା ହେଲେ ଏବେ ଗର୍ଭଧାରଣ କରିଥିବା ଧାନଚାଷ ସହିତ ପନିପରିବା ଚାଷ ଉଜୁଡ଼ି ଯାଇପାରେ ବୋଲି ଚାଷୀକୁଳ ଚିନ୍ତିତ ହୋଇଛନ୍ତି।

## ଭାଲୁ ଆକ୍ରମଣରେ ବାଳକ ଗୁରୁତର

କେନ୍ଦୁଝର, (ସ୍ୱ.ପ୍ର.) : କେନ୍ଦୁଝର ଜିଲା ସଦର ରେଞ୍ଜ ନରଣପୁର ସେକ୍ସନ ରଘୁନାଥପୁର ବିଟ୍ ଜଜପଶି ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଜଜପଶି ଗ୍ରାମର ଦୀପକ ମହାନ୍ତ(୧୬)। ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟାରେ ଭର୍ତ୍ତି କରାଯାଇଛି। ଗାଁ ପାଖ ଜଙ୍ଗଲକୁ ଶୌଚ ପାଇଁ ଯାଉଥିବାବେଳେ ସେ ୨ଟି ଭାଲୁ ହାବୁଡ଼ରେ ପଡ଼ିଥିଲେ। ଗୋଟିଏ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଦୀପକ ଉପସ୍ଥିତି ବୁଦ୍ଧି ଖଟାଇ ମୋବାଇଲରେ ଭାଲୁ ମୁହଁକୁ ପିଟିଥିଲା। ଏହି ସମୟରେ ମୋବାଇଲ ଟର୍ଚ୍ଚ ଲାଇଟ୍ ଜଳିବାରୁ ଭାଲୁଟି ଉକ୍ତ ସ୍ଥାନ ଛାଡ଼ି ପଳାଇଥିଲା।

## ସଂକ୍ଷେପରେ

### ଶିକ୍ଷକ ସଂଘର ବୈଠକ

କୁଆମରା, ୨୩।୧୦(ଡି.ଏନ.ଏ.) ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ପୁରୁଣା ବାରିପଦାଠାରେ ସଂଘର ସଭାପତି ପ୍ରିୟବ୍ରତ ବାରିକଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଶିକ୍ଷକ ମାରଣ ନୀତିର ତୀବ୍ର ବିରୋଧ କରିବା ସହ ଶିକ୍ଷକମାନଙ୍କୁ ପ୍ରାରମ୍ଭରୁ ୫ଟି ଇନକ୍ରିମେଣ୍ଟ ନିମନ୍ତେ ଦାବି ଉଠାଇଛନ୍ତି। ସଂଘର ସମ୍ପାଦକ ସୁକାନ୍ତ କୁମାର ଦାସ, କୋଷାଧକ୍ଷ କମଳାକାନ୍ତ ବେହେରା, ଉପଦେଷ୍ଟା ଭାଗୀରଥି ପରିଡ଼ା, ହିମାଂଶୁ ଆଚାର୍ଯ୍ୟ, ବୈଜୟନ୍ତୀ କର, ଉମାକାନ୍ତ ସିଂ ପ୍ରମୁଖ ୨୦୦ରୁ ଊର୍ଦ୍ଧ୍ୱ ନୂଆ ପେନସନଭୁକ୍ତ ଶିକ୍ଷକ ଉପସ୍ଥିତ ରହି ଦାବି ଉଠାଇଥିଲେ। ନଚେତ ଆଗାମୀ ଦିନରେ ଶିକ୍ଷକ ସଂଘ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ଭଗବତୀ ପାଣିଗ୍ରାହୀଙ୍କ ଶ୍ରାଦ୍ଧବାର୍ଷିକୀ

ଭଦ୍ରକ ଅଫିସ, ୨୩।୧୦-ଓଡ଼ିଶାରେ ସାମ୍ୟବାଦୀ ଆନ୍ଦୋଳନର ପୁରୋଧା, କମ୍ୟୁନିଷ୍ଟ ପାର୍ଟିର ପ୍ରଥମ ପ୍ରତିଷ୍ଠାତା ସମ୍ପାଦକ, ମାର୍କ୍ସବାଦୀ ସାହିତ୍ୟ ଓ ଦର୍ଶନର ଅନ୍ୟତମ ଦିଗ୍‌ଦର୍ଶକ, ବିପ୍ଳବୀ ସ୍ୱର୍ଗତ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଶ୍ରାଦ୍ଧବାର୍ଷିକୀ ଭଦ୍ରକ ଜିଲା କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ସିପିଆଇ(ଏମ୍) ଜିଲା କମିଟି ସଭ୍ୟ ରାଧାନାଥ ଦାସଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଜିଲା ସମ୍ପାଦକ ଦିବ୍ୟସିଂହ ନାୟକ, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଚନ୍ଦ୍ରଶେଖର ନାୟକ, ଜିଲା କମିଟି ସଭ୍ୟ ବିକାଶ ନାଥ, ବରିଷ୍ଠ ନେତା ଅଭିନ୍ନ ଚନ୍ଦ୍ର ରାୟ, ନିରଞ୍ଜନ ପାଣି, ବୀମା କର୍ମଚାରୀ ସଂଘର ନେତା ନବକିଶୋର ବେହେରା, ମୁକ୍ତିକାନ୍ତ ବାରିକ ପ୍ରମୁଖ ଯୋଗଦେଇ ଭଗବତୀଙ୍କ ରାଜନୈତିକ ଦର୍ଶନ ଓ ଓଡ଼ିଶା କମ୍ୟୁନିଷ୍ଟ ଆନ୍ଦୋଳନରେ ତାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଦେଶରେ ମୋଦି ସରକାର ସୃଷ୍ଟି କରିଥିବା ଅଘୋଷିତ ଜରୁରିକାଳୀନ ପରିସ୍ଥିତି ବିରୋଧରେ ଲଢ଼େଇ କରିବାକୁ ଉପସ୍ଥିତ ସମସ୍ତ ସିପିଆଇ(ଏମ୍) ସାଥୀ ଶପଥ ନେଇଥିଲେ।

### ଆମ୍ବଲିଅଠା କ୍ଲଷ୍ଟର ସୁରଭି କାର୍ଯ୍ୟକ୍ରମ

ଜଳେଶ୍ୱର, ୨୩।୧୦(ଡି.ଏନ.ଏ.)-ଜଳେଶ୍ୱର ବ୍ଲକର ବିଭିନ୍ନ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଆମ୍ବଲିଅଠା କ୍ଲଷ୍ଟରରେ ମଧ ଅନୁଷ୍ଠିତ ହୋଇଯାଇଛି । ନହଞ୍ଜରା ଗୟାସୁର ସରକାରୀ ଉ.ପ୍ରା. ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆରତୀବାଳା କର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଶାଲିକୋଠା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା ଯୋଗଦେଇ ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧରେ ପାଠପଢ଼ା ବ୍ୟତୀତ ଅନ୍ୟାନ୍ୟ ପ୍ରତିଭା ଅନ୍ୱେଷଣ କରିବା ଏହାର ଲକ୍ଷ୍ୟ ବୋଲି କହିଥିଲେ । କ୍ଲଷ୍ଟର ଅଧୀନରେ ଥିବା ୧୫ ବିଦ୍ୟାଳୟରୁ ୧୩୦ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧରୁ ୨୦ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ବ୍ଲକସ୍ତରୀୟ ପ୍ରତିଯୋଗିତା ଲାଗି ବଛାଯିବା ସହିତ ସେମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସିଆର୍‌ସିସି ମାଖନଲାଲ ବେରା ପରିଚାଳନା କରିଥିଲେ।

### ୬ ଶହ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ପ୍ରଶିକ୍ଷଣ

କେନ୍ଦୁଝର, ୨୩।୧୦(ସ୍ୱ.ପ୍ର.): ୧୪ ଓଡ଼ିଶା ଏନ୍‌ସିସି ବାଟାଲିୟନ ପକ୍ଷରୁ ସ୍ଥାନୀୟ ଓଏସଏପି ପରିସରରେ ତୃତୀୟ ପର୍ଯ୍ୟାୟ ଆଠ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦୦ କ୍ୟାଡେଟ୍ ପ୍ରଶିକ୍ଷଣ ନେଇଥିଲେ। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ କମାଣ୍ଡିଂ ଅଫିସର୍ ଏମ. ଚନ୍ଦ୍ରଶେଖର ରାଓଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅନରାରି କ୍ୟାପଟେନ୍ ଦୋଳଗୋବିନ୍ଦ ପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସୁବେଦାର ମେଜର ବଳଭଦ୍ର ସାହୁ ଏବଂ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଉମ୍ବରୁଧର ମହାନ୍ତ ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ଦେଶ ମାତୃକା ସେବାରେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ କରିଥିଲେ। ଅକ୍ଟୋବର ୧୫ ତାରିଖରୁ ଆରମ୍ଭ ହୋଇଥିବା ଶିବିରରେ କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର ଜିଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୬୦୦ କ୍ୟାଡେଟ୍ ପ୍ରଶିକ୍ଷଣ ନେଇଥିଲେ। ଆର୍‌ଡିସି କ୍ୟାମ୍ପ ନିମନ୍ତେ ବିଭିନ୍ନ ବାଟାଲିୟନରୁ ଆସିଥିବା କ୍ୟାଡେଟ୍‌ମାନଙ୍କର ଚୟନ ହୋଇଥିଲା। ଏନ୍‌ସିସି ଅଫିସର ଲେଫ୍ଟନାଣ୍ଟ ସତ୍ୟବ୍ରତ ପତି, ଲେଫ୍ଟନାଣ୍ଟ ପାର୍ଥ ଏସ. ବିଶ୍ୱାଳ, ଲେଫ୍ଟନାଣ୍ଟ ସଲମା କିସ୍କୁ, ସେକେଣ୍ଡ ଅଫିସର ପୂର୍ଣ୍ଣଚନ୍ଦ୍ର ପାତ୍ର, ଥାର୍ଡ ଅଫିସର ହୃଦାନନ୍ଦ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

# ଭୋକ ଉପାସରେ ହଷ୍ଟେଲ ଛାଡ଼ିଲେ ଛାତ୍ରୀ

■୧କି.ମି. ଚାଲି ଚାଲି ଆସିଲେ
■ବ୍ଲକ କାର୍ଯ୍ୟାଳୟ ଆଗରେ ବସିଲେ


ବ୍ଲକ କାର୍ଯ୍ୟାଳୟ ପରିସରରେ ବସିଥିବା ଛାତ୍ରୀମାନେ।

ଠାକୁରମୁଣ୍ଡା, ୨୩।୧୦(ଡି.ଏନ.ଏ.)

ହଷ୍ଟେଲରେ ରହୁଥିବା ଛାତ୍ରୀମାନେ ଖାଇବାକୁ ନ ପାଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି କାନ୍ଦିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପିଲାଙ୍କ କାନ୍ଦ ଦେଖି ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ଏପରି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାସ୍ଥିତ ସମ୍ପନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ ଅନୁସଚିତ ଜାତି ଓ ଜନଜାତି ଛାତ୍ରୀ ହଷ୍ଟେଲରେ। ପ୍ରଶାସନ ନିକଟରେ ଗୁହରି ଜଣାଇବା ପାଇଁ ରବିବାର ଭୋକ ଉପାସରେ ଥିବା ୯୪ଜଣ ଅନ୍ତେବାସିନୀ ହଷ୍ଟେଲରୁ ବାହାରି ୧ କିମି ଦୂର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। କାର୍ଯ୍ୟାଳୟ ବନ୍ଦ ଥିବାରୁ ଛାତ୍ରୀମାନେ ବ୍ଲକ ସମ୍ମୁଖରେ ରୁଣ୍ଡ ହୋଇ କାନ୍ଦୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ବିସ୍କୁଟ ଖାଇବାକୁ ଦେବା ସହ ଫୋନ ଯୋଗେ ବିଡିଓଙ୍କୁ ଜଣାଇଥିଲେ। ଖବରପାଇ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ, ସିଆର୍‌ସିସି, ସମାଜ ମଙ୍ଗଳାଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ହୋଟେଲରୁ ଖାଦ୍ୟ ଆଣି ଛାତ୍ରୀମାନଙ୍କୁ ଖାଇବାକୁ ଦେବାର ବ୍ୟବସ୍ଥା କରିଥିଲେ।

ଛାତ୍ରୀମାନଙ୍କ ଅଭିଯୋଗ ଅନୁଯାୟୀ, ହଷ୍ଟେଲରେ ଅଧିକାଂଶ ଦିନ ଭାତ ସହିତ ଲୁଣ ଖାଇବାକୁ ଦିଆଯାଉଛି। କେତେବେଳେ କେଉଁ ଦିନ ପରିବା ତରକାରୀ କିମ୍ବା ଡାଲି ସହିତ ଖାଦ୍ୟ ଦିଆଯାଉଥିବା କଥା କହିଛନ୍ତି। ଏଥିସହିତ ହଷ୍ଟେଲରେ ବିଦ୍ୟୁତ୍ କରେଣ୍ଟ ଚାଲିଗଲେ ଅନ୍ଧାରରେ ରହିବାକୁ ପଡୁଛି। ଶନିବାରଠାରୁ ଗ୍ୟାସ ନ ଥିବାରୁ ରୋଷେଇ ହୋଇ ନ ଥିବା ରୋଷେଇ ଦାୟିତ୍ୱରେ ଥିବା ଶାନ୍ତିଲତା ଗାଗରାଇ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ, ଉପଜିଲାପାଳ, ଏସ୍‌ଟି କମିଶନର, ଆଇଟିଡିଏ ପିଏ ଓ ବିଡିଓଙ୍କୁ ଜଣାଯାଇଥିଲେ ମଧ୍ୟ କିଛି ସୁଫଳ ମିଳି ପାରିନାହିଁ। ବ୍ଲକ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ କୁହନ୍ତି, ପିଲାମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ନ ଥିଲି ଓ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ କରିବି। ସେହିପରି ଏବିଇଓ ଭାଗ୍ୟରଥୀ ମହାନ୍ତିଙ୍କୁ ପଚାରିବାରୁ ହଷ୍ଟେଲ ଉପରେ ଆମର କୌଣସି ଦାୟିତ୍ୱ ନାହିଁ , ଏହା ସମାଜ ମଙ୍ଗଳ ଅଧିକାରୀଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ସୁରଜ


@କାହ୍ନା


@ଅଭିଷେକ


@ବିଷ୍ଣୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## 'ସେବା ଜୀବନର ମୂଳମନ୍ତ୍ର ହେଉ'


ଯୋଗ ଶିକ୍ଷା କାର୍ଯ୍ୟକ୍ରମରେ ଶିବିରାର୍ଥୀମାନେ।

ବାସୁଦେବପୁର, ୨୩।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରର ବାରାପୁର ଶହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ୭ଦିନ ବ୍ୟାପୀ ଏହି ଶିବିରରେ ଚାରାରୋପଣ, ସ୍ୱାସ୍ଥ୍ୟ ସଚେତନତା ପଥପ୍ରାନ୍ତ ସଭା, ଶିକ୍ଷାନୁଷ୍ଠାନ ପରିସର, ନିକଟସ୍ଥ ବାରାପୁର ଡାକ୍ତରଖାନା, ରାସ୍ତାଘାଟ ଓ ମନ୍ଦିରରେ ସଫେଇ ସହ ଯୋଗଶିକ୍ଷା କାର୍ଯ୍ୟକ୍ରମ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ବାରାପୁର ଶହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶରତ ଚନ୍ଦ୍ର ପଣ୍ଡା ଯୋଗଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରିବା ସହ ସେବା ହିଁ ଜୀବନର ମୂଳମନ୍ତ୍ର ହେଉ ବୋଲି ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର ପାଠ ପଢ଼ି ଭଲ ମଣିଷ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସେ କହିଥିଲେ। ପ୍ରାଧ୍ୟାପକ ଜଗବନ୍ଧୁ ଶତପଥୀ, କାର୍ଯ୍ୟକ୍ରମ ଅଧିକାରୀ ଅକ୍ଷୟ କୁମାର ନାୟକ, ଅଧ୍ୟାପକ ରାମାନନ୍ଦ ଦାସ ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଅଧକ୍ଷଙ୍କ ଦ୍ୱାରା ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଜାମଶୁଳୀ କଲେଜ କ୍ୟାମ୍ପସ କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ବସ୍ତା, ୨୩।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଜାମଶୁଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ନୂତନ କ୍ୟାମ୍ପସ କମିଟି ଗଠନ ସହ ବିଭିନ୍ନ ଦାୟିତ୍ୱରେ ଥିବା କର୍ମକର୍ତ୍ତାଙ୍କୁ ସ୍ଥାନୀୟ ମଠବାଡିଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିନେଇ ଆୟୋଜିତ ସଭାରେ ବସ୍ତା ବ୍ଲକ ଛାତ୍ର ବିଜେଡ଼ି ସଭାପତି ତଥା ଜିଲା କ୍ୟାମ୍ପସ କମିଟି ସଂଯୋଜକ ହରେକୃଷ୍ଣ ପ୍ରଧାନ ଅଧକ୍ଷତା କରିଥିଲେ। ଏହି ଅବସରରେ କଲେଜ କମିଟି ସଂଯୋଜକ ସମୀର କୁମାର ଜେନା, ସହ ସଂଯୋଜକ ସଂଗ୍ରାମ କିଶୋର ଦାସ ଓ ସୁବ୍ରତ ବାଗଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ବିଜେଡ଼ି ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ଓ ଜିଲା ସଭାପତି ସିମନ ଦାସ ମହାପାତ୍ରଙ୍କ ପରାମର୍ଶକ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କମିଟି ଗଠନ ଲକ୍ଷ୍ୟ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଛାତ୍ରନେତାଙ୍କ ମଧ୍ୟରେ ବାଲିଆପାଳ ଛାତ୍ର ସଭାପତି ସୁଶାନ୍ତ ବେହେରା, ଶଶୀକାନ୍ତ ମଣ୍ଡଳ, ଅଚ୍ୟୁତ ଜେନା, ଜିତେନ୍ଦ୍ର ବିଶ୍ୱାଳ ଓ ରାଜକିଶୋର ଗୋଛାୟତ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ବେଆଇନ ବାଣ ଦୋକାନ ଉପରେ ଚଢ଼ାଉ

ବାଲିଆପାଳ, ୨୩।୧୦(ସ୍ୱ.ପ୍ର.)


ବାଣ ଦୋକାନ ଉପରେ ଚଢ଼ାଉ କରାଯାଉଛି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ବାଣ ଦୋକାନ ଉପରେ ରବିବାର ବାଲିଆପାଳ ତହସିଲ ଓ ପୋଲିସ ପକ୍ଷରୁ ମିଳିତ ଭାବରେ ଚଢାଉ କରାଯାଇ ବିପୁଳ ପରିମାଣରେ ଦେଶୀ ବାଣ ଜବତ କରାଯାଇଛି। ବିଭିନ୍ନ ଛକ, ବଜାର, ଜନଗହଳି ସ୍ଥାନରେ ବହୁ ପରିମାଣରେ ଦେଶୀ ବିଦେଶୀ ବାଣ ଦୋକାନର ପସରା ବିଛେଇ ଯାଇଥିଲା। ଦୋକାନରେ ଭିଡ଼ ଲାଗିବା ସହିତ ବିକ୍ରୀ ବଢ଼ିବାରେ ଲାଗିଥିବା ବେଳେ ତହସିଲଦାର ଦୀପକ କୁମାର ଦାସ, ତହସିଲ କର୍ମଚାରୀ ଓ ପୋଲିସ ସହଯୋଗରେ ବାଲିଆପାଳର ବିଭିନ୍ନ ଛକ, ସିମୁଳିଆ ବଜାର, କାଳିପଦା ବଜାର ସହିତ ଜାମକୁଣ୍ଡା ଲକ ମାର୍କେଟ ଆଦି ସ୍ଥାନରେ ଚଢାଉ କରି ବାଣ ଦୋକାନ ଲାଇସେନ୍ସ ଯାଞ୍ଚ କରିଛନ୍ତି। ସୋମବାର ମଧ୍ୟ ବାଣ ଦୋକାନ ଉପରେ ଚଢ଼ାଉ ଜାରି ରହିବ ବୋଲି ତହସିଲଦାର ଦାସ କହିଛନ୍ତି।

## ଚାଷୀଙ୍କୁ ବିହନ ବଣ୍ଟନ

ଯୋଡ଼ା, ୨୩।୧୦(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଶୁକ୍ରବାର ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଆନୁକୂଲ୍ୟରେ ଚାଷୀମାନଙ୍କୁ ବିହନ ବଣ୍ଟନ କରାଯାଇଛି। ୧୯ ପଞ୍ଚାୟତର ଚାଷୀମାନଙ୍କୁ ୨୫୦ଗୋଟି ମସୁର କିଟ୍ ଓ ୩୦୦ଗୋଟି ସୋରିଷ କିଟ ରବି ଋତୁ ପାଇଁ ମାଗଣାରେ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଯୋଡ଼ା ବ୍ଲକ୍ ଅଧକ୍ଷ କବିନ୍ଦ୍ର ନାଏକ, ସହକାରୀ କୃଷି ଅଧିକାରୀ ଦେବବ୍ରତ ମିଶ୍ର ଓ ବିଭିନ୍ନ ପଞ୍ଚାୟତର କୃଷି ଅଧିଦର୍ଶକ ଓ ଗ୍ରାମ୍ୟ କୃଷି କର୍ମଚାରୀମାନେ ଉପସ୍ଥିତ ଥିଲେ।

## କୃଷିରେ ସଘନ ସମ୍ପ୍ରସାରଣ, ସଚେତନତା କର୍ମଶାଳା

ଝୁମ୍ପୁରା, ୨୩।୧୦(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ କୃଷି ଜିଲା ପକ୍ଷରୁ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଝୁମ୍ପୁରା ସଭାଗୃହରେ କୃଷିରେ ସଘନ ସମ୍ପ୍ରସାରଣ ଅନ୍ତର୍ଗତ ସମ୍ପ୍ରସାରଣ କର୍ମୀଙ୍କ ଏକ ଶିକ୍ଷଣ ସଚେତନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୨୦୨୧-୨୨ ବର୍ଷରେ ରାଜ୍ୟ ସରକାରଙ୍କ ଯୋଜନା ଅନୁଯାୟୀ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ ଡାଇରେକ୍ଟର ଅଫ୍ ଏଗ୍ରିକଲଚର(ଏଡିଏ) ରବିନାରାୟଣ ସାହୁ(ଉଦ୍ୟାନ), ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରମିଳା ମାରାଣ୍ଡି, ସହକାରୀ କୃଷିଯନ୍ତ୍ରୀ ବିଷ୍ଣୁମୟୀ ନାଏକ, ସହକାରୀ କୃଷି ଅଧିକାରୀ, ଉଖୁଣ୍ଡା ରୁଦ୍ରମାଧବ ନାଏକଙ୍କ ସମେତ କୃଷି ଅଧିଦର୍ଶକ, ଉଦ୍ୟାନ ସମ୍ପ୍ରସାରଣ କର୍ମଚାରୀ, ମୃତ୍ତିକା ସମ୍ପ୍ରସାରଣ ଅଧିଦର୍ଶକ ଓ ମୃତ୍ତିକା ସମ୍ପ୍ରସାରଣ କର୍ମଚାରୀ, କୃଷକ ସାଥି ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ୫୨ଜଣ ସମ୍ପ୍ରସାରଣ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କୃଷି ଜିଲା ଅଧିକାରୀ ମନୋରଞ୍ଜନ ମଣ୍ଡଳଙ୍କ ସଭାପତିତ୍ୱରେ ସହକାରୀ କୃଷି ଅଧିକାରୀ ରତିକାନ୍ତ ମହାନ୍ତି ପରିଚାଳନା କରିଥିଲେ।

# ସେଣ୍ଟ ଭିନ୍‌ସେଣ୍ଟସ୍ କନ୍‌ଭେଣ୍ଟ ସିନିୟର ସେକେଣ୍ଡାରୀ ସ୍କୁଲ ଚାମ୍ପିୟନ

ବାଲେଶ୍ୱର ଅଫିସ, ୨୩।୧୦



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ସହର ବିବେକାନନ୍ଦ ମାର୍ଗରେ ଥିବା ସେଣ୍ଟ ଭିନ୍‌ସେଣ୍ଟସ୍ କନ୍‌ଭେଣ୍ଟ ସିନିୟର ସେକେଣ୍ଡାରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମନ୍‌ସିନ୍ୟର ଜେକବ୍ ୱାଡାକେୱିଟିଲ୍ ସିଏସ୍ ମେମୋରିଆଲ ଆନୁକୂଲ୍ୟରେ ଏକ ଆନ୍ତଃବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱରର ରୋମାନ୍ କ୍ୟାଥୋଲିକ୍ ଡାୟୋସେସ ଅଧୀନରେ ଥିବା ଓଡ଼ିଶାର ୧୯ ସ୍କୁଲ ପ୍ରଧାନ ଅଧକ୍ଷା, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର ଯୋଗଦେଇଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ଡାୟୋସେସ୍‌ର ମୁଖ୍ୟ ପ୍ରଶାସକ ୱେରି ରେଭ୍‌ରେଣ୍ଡ ଫାଦର୍ ଆଇଜାକ୍ ପୁଥ୍‌ନେନ୍‌ଗାଡ଼ୀ, ଏଜୁକେଶନ୍ ସେକ୍ରେଟାରୀ ରେଭରେଣ୍ଡ୍ ଫାଦର ସାଜି ଯୋଶେଫ୍ ଏବଂ ସ୍କୁଲର ପ୍ରଧାନ ଅଧକ୍ଷା ସିଷ୍ଟର ଦୀପ୍ତିଙ୍କ ଅଧକ୍ଷତାରେ ପରିଚାଳିତ ହୋଇଥିଲା। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୧୦ଟି ବିଭିନ୍ନ ପ୍ରତିଯୋଗିତାରେ ବିଦ୍ୟାଳୟଗୁଡ଼ିକର କନିଷ୍ଠ ଓ ବରିଷ୍ଠ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସମାଜିକ କର୍ମୀ ସାଗରିକା ଦାସ ପୁରସ୍କୃତ କରିଥିଲେ। ସେଣ୍ଟ ଭିନ୍‌ସେଣ୍ଟସ୍ କନ୍‌ଭେଣ୍ଟ ସିନିୟର ସେକେଣ୍ଡାରୀ ସ୍କୁଲ ଚାମ୍ପିୟନ ଟ୍ରଫି ପାଇବାର ସୌଭାଗ୍ୟ ଲାଭ କରିଥିଲେ। ଛାତ୍ରୀଛାତ୍ରଙ୍କ ନୃତ୍ୟ ସଙ୍ଗୀତ ଧ୍ୱନିରେ ବିଦ୍ୟାଳୟ ପ୍ରାଙ୍ଗଣ ଉତ୍ସବମୁଖର ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଅଧକ୍ଷା ସିଷ୍ଟର ଦୀପ୍ତି ଈଶ୍ୱରଙ୍କ ଆଶୀର୍ବାଦ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଅନ୍ୟାନ୍ୟ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ମିଳିତ ଉଦ୍ୟମ ତଥା ମନୋବଳର ଭୂୟସୀ ପ୍ରଶଂସା କରିଥିଲେ।

## ଦୀପାବଳି ଉପଲକ୍ଷେ ଚାରାବଣ୍ଟନ

କେନ୍ଦୁଝର, ୨୩।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ପଳାଶପଙ୍ଗା ସ୍ଥିତ ଓଡ଼ିଶା ସ୍ୱଞ୍ଜି ଲୁହା କାରଖାନା ପକ୍ଷରୁ ଦୀପାବଳି ଉପଲକ୍ଷେ ବିଭିନ୍ନ କିସମର ଚାରା ବଣ୍ଟନ କରାଯାଇଛି। କମ୍ପାନୀର ପରିଚାଳକ କମଳଜିତ୍ ସାହାଣୀ ଏହି ଚାରା ପଳାଶପଙ୍ଗା ସରପଞ୍ଚ ବାସନ୍ତୀ ନାୟକ, ସମିତିସଭ୍ୟ ସଞ୍ଜୟ ନାୟକ, ରାଇକଳା ସରପଞ୍ଚ ପ୍ରମୋଦ ନାୟକ, କଣ୍ଡରାପଶି ସରପଞ୍ଚ ସାବିତ୍ରୀ ନାୟକଙ୍କ ଜରିଆରେ ବଣ୍ଟନ କରି ପରିବେଶର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ।

## 'ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରେ ସୁରଭି'

ଚାନ୍ଦବାଲି, ୨୩।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉତୁକୁଡ଼ା ପ୍ରାଥମିକ ଓ ପାଞ୍ଚଗାଁ ମଇ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଗିରିଧାରୀ ଭଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ଅନିତା ମିଶ୍ର ଯୋଗ ଦେଇଥିଲେ। ସାମାଜିକ କର୍ମୀ ସୂର୍ଯ୍ୟମଣି ପାଢ଼ୀ, ଦୁଇ ବିଦ୍ୟାଳୟର ସଭାପତି, ପ୍ରଧାନଶିକ୍ଷକ ଓ ଶିକ୍ଷକ ସୁଶାନ୍ତ ବିଶ୍ୱାଳ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ ସାମାଜିକ କର୍ମୀ ସୁଶାନ୍ତ ପୁହାଣ ଯୋଗଦେଇଥିଲେ। ଶିକ୍ଷକ ପ୍ରଫୁଲ୍ଲ ପାଣିଗ୍ରାହୀ, ହରେକୃଷ୍ଣ ପାଢୀ, ପ୍ରଶାନ୍ତ ପାଣିଗ୍ରାହୀ, ଭାସ୍କର ଖିଲାର, କମଳିନୀ ଦଳାଇ, ସଙ୍ଗୀତା ସାଏନ୍ତ, ଆରତ ମହାଳିକ, ଅନ୍ନପୂର୍ଣ୍ଣା ପଣ୍ଡା, ମାନସୀ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଡ୍ରାଇଭର ମହାସଂଘର ଦଣ୍ଡବତ ଯାତ୍ରା

ବାଙ୍ଗିରିପୋଷି,(ଡି.ଏନ.ଏ.)- ବିଭିନ୍ନ ଦାବି ପୂରଣ ନେଇ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଡ୍ରାଇଭର ମହାସଂଘ ପକ୍ଷରୁ ଦଣ୍ଡବତ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାସଂଘର ଉପଦେଷ୍ଟା ଭବାନୀ ପ୍ରସାଦ ମହାନ୍ତ ଓ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଦଣ୍ଡବତ ଯାତ୍ରା କରାଯାଇଥିଲା। ମହାସଂଘ ପକ୍ଷରୁ ୧୯ଟି ପଞ୍ଚାୟତର ସଦସ୍ୟଙ୍କୁ ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସଂଘ ପକ୍ଷରୁ ବାବା ଶିମିଳେଶ୍ୱରଙ୍କୁ ପୂଜାର୍ଚ୍ଚନା ସହ ସମସ୍ତ ଡ୍ରାଇଭର କିଭଳି ସେମାନଙ୍କ ଅଧିକାର ଫେରିପାଇବେ ସେଥିନେଇ ଠାକୁରଙ୍କୁ ପ୍ରାର୍ଥନା କରାଯାଇଥିଲା।

## ସଂକ୍ଷେପରେ

### ୩ ବାଲି ବୋଝେଇ ଟ୍ରକ୍‌କୁ ଜରିମାନା

ଭଣ୍ଡାରିପୋଖରୀ, ୨୩।୧୦(ସ୍ୱ.ପ୍ର.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ ବାଲି ବୋଝେଇ ଟ୍ରକ୍ ଜବତ କରାଯାଇଛି। ତହସିଲଦାର ସରୋଜକାନ୍ତ ନାୟକଙ୍କ ନେତୃତ୍ୱରେ ଛତାବର, ମଞ୍ଜୁରୀ ଓ କୁମ୍ଭାରିଆଠାରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ବୈତରଣୀ ନଦୀରୁ ବେଆଇନ ବାଲି ବୋଝେଇ କରି ଆସୁଥିବା ୩ ଟ୍ରକ୍‌କୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ସମେତ କର୍ମଚାରୀମାନେ ଅଟକ ରଖିଥିଲେ। ପରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଟ୍ରକ୍‌ଗୁଡ଼ିକୁ କାର୍ଯ୍ୟାଳୟକୁ ଅଣାଯାଇଥିବା ବେଳେ ବେଆଇନ ବାଲି ଚାଲାଣ ନେଇ ସ୍ପଷ୍ଟ ହୋଇଥିଲା। ତହସିଲଦାର ୩ ଟ୍ରକ୍‌ରୁ ୧ ଲକ୍ଷ ୯ ହଜାର ୨୦୪ ଟଙ୍କା ଜରିମାନା ଆଦାୟ କରିଛନ୍ତି। ସେହିପରି ବେଆଇନ ବାଣ ବିକ୍ରି ଅଭିଯୋଗରେ ବିଭିନ୍ନ ସ୍ଥାନରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲ ପକ୍ଷରୁ ସୂଚନା ମିଳିଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଠାକୁରମୁଣ୍ଡା,୨୩।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଅଧୀନ କିରିକିଚିପାଳ ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଶତ୍ରୁଘ୍ନ ଝାଲିଆ। ଶନିବାର ସନ୍ଧ୍ୟାରେ ସେ ଗାଁରେ ତାସ ଖେଳିଥିଲେ। କିଛି ସମୟ ପରେ ହଠାତ୍ ତାଙ୍କ ଘରକୁ ଖବର ଆସିଥିଲା ଯେ, ଶତ୍ରୁଘ୍ନ ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଛନ୍ତି। ପରିବାର ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ଏକ ମାମଲା(ନଂ.୬୬/୨୨) ରୁଜୁ କରି ତଦନ୍ତ ଚଳାଇଛି।

### ବିଦ୍ୟାଳୟରୁ ଚୋରି, ଅଭିଯୁକ୍ତ ଗିରଫ

ବୈଶିଙ୍ଗା,୨୩।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଳମା ସ୍ଥିତ ଭଞ୍ଜଭୂମି ଉଚ୍ଚ ବାଳିକା ବିଦ୍ୟାଳୟରୁ ଶନିବାର ରାତିରେ ୫ଟି ସିଲିଂ ଫ୍ୟାନ ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କଳମା ପଞ୍ଚାୟତ ଅଧୀନ ବଣନୂଆଗାଁର ଅର୍ଜୁନ ସିଂ। ସେ ଚୋରି କରି ପଳାଇ ଯାଉଥିବାବେଳେ ଅନ୍ତେବାସୀମାନେ ଦେଖି ପୋଲିସ ପାଟ୍ରୋଲିଂ ଟିମ୍‌କୁ ଖବର ଦେଇଥିଲେ। ଏସ୍‌ଆଇ ସୁମନ୍ତ ସେଠୀଙ୍କ ସହ ପାଟ୍ରୋଲିଂ ଟିମ କର୍ମଚାରୀମାନେ ତାଙ୍କୁ ଗିରଫ କରିବା ସହ ୪ଟି ଫ୍ୟାନ ଜବତ କରିଥିଲେ। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପୁଷ୍ପାଞ୍ଜଳିଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୩୩୪/୨୨) ରୁଜୁ ହୋଇଛି।

### ଶିଶୁ ମହୋତ୍ସବ ସୁରଭି

କୁଳିଅଣା,୨୩।୧୦(ସ୍ୱ.ପ୍ର.)- ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ଟମକିଆଶୋଳ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୧ଟି ବିଦ୍ୟାଳୟରୁ ୧୫୦ ପ୍ରତିଯୋଗୀ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ଏବିଇଓ ସରସ୍ୱତୀ ସିଂ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୧୭ଜଣ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରାଧାରାଣୀ ଭାରେ ଏବଂ ସହକାରୀ ଶିକ୍ଷକ ଗୋପୀନାଥ ମଲିକଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିଆର୍‌ସିସି ହୃଷିକେଶ କର, ସବିତା ଦାସ, ବୀଣାପାଣି ପାତ୍ର, ଗୀତାଞ୍ଜଳି ବିଶ୍ୱାଳ, ମାନିଷି ନାୟକ, ବାଜୁନ ହେମ୍ବ୍ରମ୍, ମିନାରାଣୀ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ମମତା ପାତ୍ର ପରିଚାଳନାରେ ସହଯୋଗ କରିଥଲେ।

### ଭବିଷ୍ୟନିଧି କାର୍ଯ୍ୟାଳୟ ପକ୍ଷରୁ 'ସ୍ୱତନ୍ତ୍ର କ୍ୟାମ୍ପେନ-୨'

କେନ୍ଦୁଝର,୨୩।୧୦(ସ୍ୱ.ପ୍ର.): ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ସର୍ବଭାରତୀୟସ୍ତରରେ ଏକ ସ୍ୱତନ୍ତ୍ର କ୍ୟାମ୍ପେନ-୨ ଅଭିଯାନ ଆରମ୍ଭ ହୋଇଛି। ଯେଉଁଥିରେ ସ୍ୱଚ୍ଛତା, ଅଭିଯୋଗ ନିଷ୍ପାଦନ ତଥା ସମସ୍ତ ସେବାପ୍ରଦାନକାରୀ କ୍ଷେତ୍ରଗୁଡ଼ିକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ କେନ୍ଦୁଝରସ୍ଥିତ ଭବିଷ୍ୟନିଧି କାର୍ଯ୍ୟାଳୟ ପକ୍ଷରୁ ଅଭିଯାନକୁ ବିଶେଷ ପ୍ରାଥମିକତା ପ୍ରଦାନ କରି ସମସ୍ତକ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରାଯାଉଛି। କେନ୍ଦୁଝର କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ତଥା ଭବିଷ୍ୟନିଧି କମିଶନର ବିକାଶ ଆନନ୍ଦ ସମସ୍ତ ସଦସ୍ୟ, ପେନ୍‌ସନ୍ ଉପଭୋକ୍ତା, ଜନସାଧାରଣ ତଥା ନିଯୁକ୍ତିଦାତାଙ୍କୁ ଏହି କ୍ୟାମ୍ପେନରେ ସହଯୋଗ କରିବାକୁ କହିଥିଲେ।

# ମତଦାନ କଲେ ୪୯୪ ଭୋଟର

**ଧାମନଗର ଉପନିର୍ବାଚନ ପାଇଁ ସରିଲା ଡାକଭୋଟ୍**

ଭଦ୍ରକ ଅଫିସ,୨୩।୧୦

ଧାମନଗର ଉପନିର୍ବାଚନ ପାଇଁ ଶନିବାରଠାରୁ ଆରମ୍ଭ ହୋଇଥିବା ଡାକଭୋଟ୍ ସଂଗ୍ରହ କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। ଡାକଭୋଟ୍ ଦେବା ପାଇଁ ସ୍ୱୀକୃତି ଦେଇଥିବା ଏହି ନିର୍ବାଚନମଣ୍ଡଳୀର ମୋଟ ୫୦୫ ଭୋଟରଙ୍କ ମଧ୍ୟରୁ ୪୯୪ଜଣ ଦୁଇଦିନରେ ମତଦାନ କରିଛନ୍ତି। ଶନିବାର ୨୩ଜଣ ଦିବ୍ୟାଙ୍ଗ ଭୋଟର ଓ ୨୮୪ଜଣ ୮୦ବର୍ଷ ବୟସରୁ ଊର୍ଦ୍ଧ୍ୱ ମୋଟ ୩୦୭ ଜଣ ଭୋଟ୍ ଦେଇଥିଲେ। ରବିବାର ଶେଷଦିନରେ ୧୨ଜଣ ଦିବ୍ୟାଙ୍ଗ ଓ ୧୭୫ଜଣ ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ମୋଟ ୧୮୭ ଭୋଟର ମତଦାନ କରିଛନ୍ତି। ସମସ୍ତ ଭୋଟ୍‌କୁ ବାକ୍ସରେ ସିଲ୍ କରାଯାଇ ଜିଲା ଟ୍ରେଜେରୀ କାର୍ଯ୍ୟାଳୟରେ ଜମା ଦିଆଯାଇଥିବା ନିର୍ବାଚନ ଅଧିକାରୀ ଅତିରିକ୍ତ ଉପଜିଲାପାଳ ଲକ୍ଷ୍ମୀପ୍ରସାଦ ସାହୁ ସୂଚନା ଦେଇଛନ୍ତି।


ଡାକଭୋଟ ବାକ୍ସରେ ସିଲ୍ କରାଯାଉଛି।

# ବିଜେଡିର ରୋଡ୍‌ଶୋ'

ଧାମନଗର, ୨୩।୧୦ (ସ୍ୱ.ପ୍ର.)

ଉପନିର୍ବାଚନ ଆଉ ୧୦ ଦିନ ବାକି ଥିବାବେଳେ ପ୍ରଚାରରେ କମ୍ପୁଛି ଧାମନଗର। ଦଳୀୟ ପ୍ରାର୍ଥିନୀ ଅବନ୍ତୀ ଦାସଙ୍କ ପାଇଁ ବିଜେଡି ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ରବିବାର ଧାମନଗର ଏନ୍‌ଏସି ଅଞ୍ଚଳରେ ରୋଡ୍‌ଶୋ କରିଛି ବିଜେଡି। ହଜାରରୁ ଊର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରା କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି ଦଳୀୟ ନେତା ଓ କର୍ମୀ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମ୍ମୁଖ ପଡ଼ିଆଠାରୁ ଶୋଭାଯାତ୍ରା ବାହାରି ମୁଖ୍ୟ ବଜାର, ଦକ୍ଷିଣବାଡ଼, ଶ୍ୟାମପୁର, ହାଜିନଗର, ପଠାଣମହଲା, କୋରେସି ମହଲା, ତାଳପଦା, ଗୁମଗଡ ଆଦି ସହରର ୧୧ ୱାର୍ଡ ପରିକ୍ରମା କରିଥିଲା। ଏହି ରାଲିରେ ବିଜେଡି ପ୍ରାର୍ଥିନୀ ଅବନ୍ତୀଙ୍କ ସହ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଅଧ୍ୟକ୍ଷା ନିବେଦିତା ଜେନା, ଷ୍ଟାର ପ୍ରଚାରକ ସୋଫିଆ ଆଲମ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ବ୍ଲକ ପର୍ଯ୍ୟବେକ୍ଷକ ସରୋଜ କୁମାର ମହାପାତ୍ର, ଏନ୍‌ଏସିର ସ୍ୱତନ୍ତ୍ର ଦାୟିତ୍ୱରେ ରହିଥିବା ଭବପ୍ରସାଦ ଦାସ, ଉପାଧ୍ୟକ୍ଷ ଓସିମ ଏଜଦାନୀ କାଦରୀଙ୍କ ସହ ବହୁ ନେତା ଓ କର୍ମୀ ଶୋଭାଯାତ୍ରାରେ ସାମିଲ ଥିଲେ।


ରୋଡ୍‌ଶୋ'ରେ ବିଜେଡି ପକ୍ଷରୁ ପ୍ରଚାର କରାଯାଉଛି।

# ବିଜେଡି ବାଣ୍ଟୁଛି ଟଙ୍କା

**ଜିଲାପାଳଙ୍କ ନିକଟରେ ଅଭିଯୋଗ କଲା ଭାଜପା**


ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରୁଛି ଭାଜପା ପ୍ରତିନିଧି ଦଳ।

ଭଦ୍ରକ ଅଫିସ, ୨୩।୧୦

ଧାମନଗର ଉପନିର୍ବାଚନ ପାଇଁ ବିଜେଡି ସ୍ୱୟଂସହାୟକ ଗୋଷ୍ଠୀ ଜରିଆରେ ଟଙ୍କା ବାଣ୍ଟୁଥିବା ନେଇ ଭାଜପା ରବିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛି। ଭାଜପା ରାଜ୍ୟ ପ୍ରବକ୍ତା ମନୋଜ ମହାପାତ୍ର, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ, ଭଦ୍ରକ ଜିଲା ଉପସଭାପତି ଶ୍ରୀହର୍ଷ ସାଇଁ ପ୍ରମୁଖ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିଜେଡି ଅନେକ ସ୍ଥାନରେ ସ୍ୱୟଂସହାୟକ ଗୋଷ୍ଠୀକୁ ପ୍ରଭାବିତ କରି ସେମାନଙ୍କ ମାଧ୍ୟମରେ ଟଙ୍କା ବାଣ୍ଟିବା ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଭାଜପା ପ୍ରତିନିଧି ଦଳ ଟଙ୍କା ବଣ୍ଟାଯିବାର ଭିଡିଓ ଜିଲାପାଳଙ୍କୁ ଦେଖାଇବା ସହ ଏଥିରେ ସମ୍ପୃକ୍ତ ଦୋଷୀଙ୍କୁ ଗିରଫ କରାଯାଉ ବୋଲି ଦାବି କରିଛନ୍ତି।

# ୩ ଶହ ରୋଗୀଙ୍କୁ ଔଷଧ ପ୍ରଦାନ

**ଜାତୀୟ ଆୟୁର୍ବେଦ ଦିବସରେ ସ୍ୱାସ୍ଥ୍ୟ ଶିବିର**

ବାଲେଶ୍ୱର ଅଫିସ,୨୩।୧୦

ବାଲେଶ୍ୱର ସହର ନୂଆବଜାରସ୍ଥିତ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ରବିବାର ଭଗବାନ ଧନ୍ୱନ୍ତରୀ ଜୟନ୍ତୀ ତଥା ୭ମ ଜାତୀୟ ଆୟୁର୍ବେଦ ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିର ପୂର୍ବାହ୍ନ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପ୍ରାୟ ୩ଶହ ରୋଗୀଙ୍କୁ ମାଗଣା ଔଷଧ ପ୍ରଦାନ ସହ ଚିକିତ୍ସାପତ୍ର ପ୍ରଦାନ କରାଯାଇଥିଲା। ଭଗବାନ ଧନ୍ୱନ୍ତରୀଙ୍କ ଯଥାବିଧି ପୂଜାର୍ଚ୍ଚନା ପରେ ଜାତୀୟ ଆୟୁର୍ବେଦ ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ଅଜୟ କୁମାର ସେଣ୍ଠଙ୍କ ସଭାପତିତ୍ୱ କରିଥିଲେ। ସୁସ୍ଥ ଜୀବନ ଯାପନ କରିବା ପାଇଁ ଆୟୁର୍ବେଦ ସିଦ୍ଧାନ୍ତ, ରୋଗ ନିରାକରଣରେ ଆୟୁର୍ବେଦର ଭୂମିକା, ଆୟୁର୍ବେଦରେ ଆହାର ବିହାରର ତଥା ଦିନଚର୍ଯ୍ୟା ଏବଂ ଋତୁଚର୍ଯ୍ୟା ସମ୍ବନ୍ଧରେ ବର୍ଣ୍ଣିତ ନିୟମାବଳୀ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଆୟୁର୍ବେଦ ଦିବସରେ ଏ ବର୍ଷର ବିଷୟବସ୍ତୁ 'ହରଦିନ୍ ହରଘର ଆୟୁର୍ବେଦ' ସମ୍ବନ୍ଧରେ ଡା. ରାଜୀବ କୁମାର ମାଝି, ଡା. ସମୀର ରଞ୍ଜନ ଛାଟୋଇ, ଡା. ସୟଦ ମୋଜାମିଲ ଅଲ୍ଲି ଏବଂ ବାଲେଶ୍ୱର ମଣ୍ଡଳ ସଭାପତି ଡା. ଅନୀଲ କୁମାର ଦାଶ ବକ୍ତବ୍ୟ ଦେଇଥିଲେ। ଉପବିଭାଗୀୟ ଅଧିକାରୀ ବିନୋଦ କୁମାର ଜେନା, ଅମ୍ବିକା ମହାପାତ୍ର, ସଭାରେ ପୂର୍ବତନ ଡିଏଏମ୍‌ଓ ଡା. ପୁରୁଷୋତ୍ତମ ସିଂ, ଡା. ବଙ୍କିମ ଜେନା, ଡା. ପୂର୍ଣ୍ଣଚନ୍ଦ୍ର ଜେନା, ଡା. ଶାନ୍ତନୁ ଦାଶ, ଡା. ବୈକୁଣ୍ଠ ମଲ୍ଲିକ, ଡା. ହରିଶ୍ ପାଣିଗ୍ରାହୀ, ଡା. ପରେଶ ଆଚାର୍ଯ୍ୟ ପ୍ରମୁଖ ଆୟୁର୍ବେଦ ଦିବସର ଆଭିମୁଖ୍ୟ ଉପରେ ବକ୍ତବ୍ୟ ଦେଇଥିଲେ।



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

## ଜଳଙ୍ଗରେ କୃଷକ ସମାବେଶ ବିହନ ବିଶୋଧନ ଉପରେ ଗୁରୁତ୍ୱ

ଖଇରା, ୨୩।୧୦(ଡି.ଏନ.ଏ.)

କୋର୍ଟେଭା ଏଗ୍ରିସାଇନ୍ସ ଆନୁକୂଲ୍ୟରେ ଏକ କୃଷକ ସମାବେଶ ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ ଜଳଙ୍ଗ ଚଣ୍ଡୀମନ୍ଦିର ନିକଟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ଧାନଚାଷ ପାଇଁ ମୁଖ୍ୟ ସମସ୍ୟା ଭାବେ ଦେଖାଦେଇଥିବା ଚକଡା, ଜଉଆ ବା ମାଟିଆଗୁଣ୍ଡି ପୋକ ଦମନ ପାଇଁ ପେକ୍ସାଲିନ ଓ ଲୁମିଭିଆ ମାଧ୍ୟମରେ କାଣ୍ଡବିନ୍ଧା ପୋକ ଦମନ କରାଯିବା ଉପରେ ଅଧିକାରୀ ଲଲାଟେନ୍ଦୁ ଭୋଳା, ଅବିନାଶ ପଣ୍ଡା, ସନ୍ତୋଷ କୁମାର ଦାସ, ମହେଶ କୁମାର ବେହେରା ଓ ଦିବ୍ୟରଞ୍ଜନ ବେହେରା ପ୍ରମୁଖ ପ୍ରକାଶ କରିଥିଲେ। ଖଇରା ବ୍ଲକର ଅଗ୍ରଣୀ ଚାଷୀ ସୁଶାନ୍ତ ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଖଇରା ବ୍ଲକର ୩୭ ପଞ୍ଚାୟତରୁ ଚାଷୀମାନେ ସମାବେଶରେ ଯୋଗ ଦେଇଥିଲେ।

# ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଅନାବରଣ

ଚମ୍ପୁଆ, ୨୩।୧୦(ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ପର୍ସଲା ଗ୍ରାମରେ ଥିବା ୧୯୭୭ ମସିହାରେ ସ୍ଥାପିତ ଉତ୍କଳମଣୀ ସରକାରୀ ବିଦ୍ୟାପୀଠ ପରିସରରେ ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗଦେଇ ଫିତାକାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଲୋକସେବକ ମଣ୍ଡଳ ରଷ୍ଟ୍ରୀୟ ସମ୍ପାଦକ ଡା. ପ୍ରଭାସ ଆଚାର୍ଯ୍ୟ, କୃଷିବିଜ୍ଞାନ କେନ୍ଦ୍ରର ଡା. ରଞ୍ଜନ ମହାନ୍ତ, ଜିଲା ପରିଷଦ ସଦସ୍ୟା ରମଣୀ ନାଏକ, ଜ୍ଞାନରଞ୍ଜନ ମିଶ୍ର ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ଝାଡ଼େଶ୍ୱର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।


ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତି ଅତିଥିମାନେ।

## ହାଇସ୍କୁଲ ପରିଦର୍ଶନ କଲେ ଜିଲା ଶିକ୍ଷା ଅଧିକାରୀ

ବାଙ୍ଗିରିପୋଷି,୨୩।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ନବକିଶୋର ଗିରି ବାଙ୍ଗିରିପୋଷି ସ୍ଥିତ ସରସ୍ୱତୀ ଉଚ୍ଚ ବିଦ୍ୟାଳୟ ଅଂଳାଗୁଞ୍ଜା ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ସ୍ୱଚ୍ଛତା, ବିଜ୍ଞାନଗାର, ଇ-ଲାଇବ୍ରେରୀ,ସ୍ମାର୍ଟ କ୍ଲାସ୍ ରୁମ, ପାନୀୟ ଜଳ, ପାଇଖାନା ଓ ପରିଶ୍ରାଗାର ନିରକ୍ଷଣ କରିବା ସହିତ ବିଦ୍ୟାଳୟର ପରସର ବୁଲି ଦେଖିଥିଲେ। ପ୍ରଧାନଶିକ୍ଷକ ଅଶୋକ କୁମାର ଗିରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

# ୧୭୩ ଭିନ୍ନକ୍ଷମ ଚିହ୍ନଟ

ତେଲକୋଇ,୨୩।୧୦(ଡି.ଏନ.ଏ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ୍‌ର ବିଭିନ୍ନ ଗ୍ରାମରୁ ସମୁଦାୟ ୧୭୩ ଜଣ ଭିନ୍ନକ୍ଷମ ଚିହ୍ନଟ କରାଯାଇଛି। ଶିବିରରେ ଚକ୍ଷୁ ବିଭାଗରେ ୨୪ ଜଣ, ମାନସିକ ରୋଗ ବିଭାଗରେ ୨୧, ଅସ୍ଥିଶଲ୍ୟ ବିଭାଗ ୯୩ ଏବଂ କର୍ଣ୍ଣ ନାସା ବିଭାଗରେ ୩୫ ଜଣ ଭିନ୍ନକ୍ଷମ ଚିହ୍ନଟ ହୋଇଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାନ୍ତନୁ ନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୋଳଗୋବିନ୍ଦ ବିଶ୍ୱାଳ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେଉରା, କନିଷ୍ଠ ସହାୟକ ସୌମ୍ୟରଞ୍ଜନ ଗିରି, ପ୍ରକଳ୍ପ ସହାୟକ ମାନସ ପ୍ରଧାନ, ରସିକଲାଲ ମହାନ୍ତ ଏବଂ ବୈକୁଣ୍ଠ ମହାନ୍ତ ଉପସ୍ଥିତି ଥିଲେ। ସମସ୍ତ ଗ୍ରାମ ରୋଜଗାର ସେବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗାଁ ମଜଲିସ୍ ସାହିତ୍ୟ ସଂସଦ କାର୍ଯ୍ୟକାରୀ ବୈଠକ

ସୋର, ୨୩।୧୦(ଡି.ଏନ.ଏ.)

ସୋର ଆର୍.କେ. ଷ୍ଟୁଡ଼ିଓରେ ଗାଁ ମଜଲିସ ସାହିତ୍ୟ ସଂସଦ ପ୍ରଥମ କାର୍ଯ୍ୟକାରୀ ବୈଠକ ସଭାପତି ଡ. ରମାକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ସ୍ୱାଗତ କରିଥିଲେ। ଏହି ଅବସରରେ ଆଗାମୀ ଡିସେମ୍ବର ୧୮ ତାରିଖରେ ସଂସଦର ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିଲା। ଉତ୍ସବରେ ପ୍ରକାଶ ପାଇବାକୁ ଥିବା ଶଂଖବେଳା ପତ୍ରିକା ପ୍ରକାଶନ, ଲେଖାଗ୍ରହଣ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଉପସଭାପତି ବିଜୟ କୁମାର ଦାସ, ଚେମେଇ ଦାସ, ଗୀତାରାଣୀ ରାଉତ, ନବକିଶୋର ଦାସ, ଚନ୍ଦ୍ରମୋହନ ମହାପାତ୍ର, ଦାମୋଦର ଦାଶ ମହାପାତ୍ର, ଜ୍ୟୋସ୍ନାରାଣୀ ଜେନା, ଯାଯାବର, ଜିତେନ୍ଦ୍ର ବେହେରା, ମହେଶ୍ୱର ପଣ୍ଡା, ଉଦ୍ଧବ ଚରଣ ବିଶ୍ୱାଳ, ସୁଧାକର ସାମଲ, ରାମଚନ୍ଦ୍ର ପୃଷ୍ଟି ଓ ରାଜବଲ୍ଲଭ ସାହୁ ପ୍ରମୁଖ ଯୋଗଦେଇଥିଲେ। ରବୀନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ନାରୀ ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ

ବାରିପଦା ଅଫିସ,୨୩।୧୦

ନାରୀ ଶକ୍ତିର ଅଗ୍ରଗତି ନିମନ୍ତେ କଲମର ଶକ୍ତିକୁ ଆପଣାଇବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରିପଦା ସ୍ଥିତ ପ୍ରଫୁଲ୍ଲନଗର ସେକ୍ରେଡ ସନସାଇନ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନାରୀ ସଶକ୍ତୀକରଣ ସମ୍ପର୍କିତ ଏକ ସଚେତନତା ବାର୍ତ୍ତାକୁ ପ୍ରକାଶିନୀ ମିଶ୍ର ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଅଳକା ଦତ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଝିଅମାନେ ନିଜ ଗୋଡ଼ରେ ଛିଡ଼ା ହେବା ପାଇଁ ଜ୍ଞାନର ମାର୍ଗକୁ ବୃଦ୍ଧି କରିବା ସହିତ କଲମର ଶକ୍ତି ଖଣ୍ଡାର ଶକ୍ତିଠାରୁ ଅଧିକ ଅଟେ ବୋଲି ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ପ୍ରକାଶିନୀଙ୍କ ଏଭଳି ସଚେତନତା କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପକ୍ଷରୁ ପ୍ରଶଂସା କରାଯାଇଛି।



ଛାତ୍ରୀଙ୍କ ଗହଣରେ ପ୍ରକାଶିନୀ ।

# କାଳୀପୂଜାରେ କେନ୍ଦୁଝର ଉତ୍ସବମୁଖର

- ସୁଉଚ୍ଚ ତୋରଣ, ଲାଇଟ୍‌ରେ ଝଲସୁଛି ମଣ୍ଡପ
- ୨ବର୍ଷ ପରେ ଫେରିଛି ଅପେରା

କେନ୍ଦୁଝର,୨୩।୧୦

ଦୁଇବର୍ଷ କୋଭିଡ୍ କଟକଣା ପରେ ଚଳିତ ବର୍ଷ କେନ୍ଦୁଝର ଜିଲା ତଥା ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା କାଳୀପୂଜା ପାଳନ ପାଇଁ ସହର ଉତ୍ସବ ମୁଖର ହୋଇଛି। ସୁଉଚ୍ଚ ତୋରଣ ସାଙ୍ଗକୁ ଉଜ୍ଜ୍ୱଳ ଆଲୋକମାଳାରେ ପୂଜା ମଣ୍ଡପ ଝଲସୁଛି। ଚଳିତବର୍ଷ କେନ୍ଦୁଝର ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ମଧ୍ୟ ଆଡ଼ମ୍ବରରେ ପୂଜା ପାଳନ କରାଯାଉଛି। ବିଭିନ୍ନ କମିଟି ପକ୍ଷରୁ ମିନାବଜାର ସହ ଅପେରାର ଆୟୋଜନ କରାଯାଇଛି; ଯାହା ଲୋକଙ୍କୁ ଆକର୍ଷିତ କରୁଛି। କେନ୍ଦୁଝର ସହରର କାଳୀତୀର୍ଥ କମିଟି ପକ୍ଷରୁ ଅନୁଷ୍ଠିତ କାଳୀପୂଜା ୧୯୪୧ ମସିହାରେ ତତ୍କାଳୀନ କେନ୍ଦୁଝର ମହାରାଜା ବଳଭଦ୍ର ଭଞ୍ଜଦେଓ ଆରମ୍ଭ କରିଥିଲେ। ଚଳିତବର୍ଷ ପୂଜା ୮୨ ବର୍ଷରେ ପଦାର୍ପଣ କରୁଛି। ଏଥିସହ ଟେଲିଫୋନ୍ ଏକ୍ସଚେଞ୍ଜ କାଳୀପୂଜା କମିଟି ପକ୍ଷରୁ ଆୟୋଜିତ କାଳୀପୂଜା ୫୪ ବର୍ଷରେ ପହଞ୍ଚିଛି। ଉଭୟ କମିଟିର କର୍ମକର୍ତ୍ତାମାନେ ନିଜ ଭିତରେ ବନ୍ଧୁତ୍ୱପୂର୍ଣ୍ଣ ଭାବେ କାଳୀପୂଜା ୧୨ ଦିନ ପାଳନ କରିଥାନ୍ତି। ସୋମବାର ଦିନ କଳସ ପୂଜା ଆରମ୍ଭ କରି ମା'ଙ୍କର ପୂଜାବିଧି ଆରମ୍ଭ କରାଯିବ। ମଙ୍ଗଳବାର ସୂର୍ଯ୍ୟ ପରାଗ ପଡୁଥିବାରୁ ସୋମବାର ଭୋର ୪.୫୪ ମଧ୍ୟରେ ମା'ଙ୍କର ପୂଜାବିଧି ସରିବ ବୋଲି କାଳୀତୀର୍ଥ କମିଟିର ମୁଖ୍ୟ ପୂଜକ ନିରଞ୍ଜନ ଦାସ ପ୍ରକାଶ କରିଛନ୍ତି। କମିଟି ପକ୍ଷରୁ ମନୋରଞ୍ଜନ ପାଇଁ ଅପେରା ପାର୍ଟି ନାଟ୍ୟ ମଞ୍ଚସ୍ଥ ପାଇଁ ଆୟୋଜନ କରାଯାଇଛି। ଏହା ବ୍ୟତୀତ କାଳୀ ପଡ଼ିଆରେ ମିନାବଜାର, ମେଳା, ଖାଦ୍ୟ ମେଳା ଓ ବିଭିନ୍ନ ପ୍ରକାରର ଦୋଳି ପଡ଼ିବ ବୋଲି ଆୟୋଜକ ବାଣେଶ୍ୱର ମହେଶ ସାଂସ୍କୃତିକ କମିଟି ପକ୍ଷରୁ ପ୍ରକାଶ କରାଯାଇଛି। କାଳୀତୀର୍ଥ କମିଟି ଓ ଟେଲିଫୋନ୍ ଏକ୍ସଚେଞ୍ଜ କମିଟି ମଣ୍ଡପରେ ଆକର୍ଷଣୀୟ ତୋରଣ ପ୍ରସ୍ତୁତ କରାଯାଇଛି। ୨୬ରୁ ଆରମ୍ଭ ହେଉଥିବା ଅପେରା ଚଳିତବର୍ଷ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଏହା ବ୍ୟତୀତ କେନ୍ଦୁଝରର କାଶୀପୁର ଶ୍ମଶାନ କାଳୀ ପୂଜା କମିଟି, ମାଇନିଂ ରୋଡ, ଶକ୍ତିପୀଠ ସିଦ୍ଧମଠ, ମାଧପୁରଠାରେ ମଧ୍ୟ ମା'କାଳୀଙ୍କ ମନ୍ଦିରରେ ପୂଜା ହେଉଛି।


ତୋରଣ।

